# e-Payment of Court Fees
# &
# e-Filing
# Inaugurated at Orissa High Court

The eCourts project in Odisha achieved another milestone by the launch of ‘eFiling’ portal ( https://efiling.ecourts.gov.in/or/ ) for online filing of cases in 244 Court establishments across the State and ‘ePay’ portal (https://pay.ecourts.gov.in/epay/ ) developed by NIC for online payment of Court fees in the High Court & District Courts on 05/04/2021.




**Chief Justice of Orissa, Hon’ble Dr. Justice S. Muralidhar** launched the above services and inaugurated a Facilitation Centre for e-Payment of Court Fees in the High Court complex, Video Conferencing cabins in every District Court complex and e-Sewa Kendras in 78 Taluka Court complexes and offered these services for the benefit of the litigants and advocates.

Addressing a gathering at more than hundred and fifty Court locations comprising District Judges, Judicial officers and lawyers working in the District and Subordinate Courts across the State of Odisha who were joined in the ceremony through video conferencing in the presence of Hon’ble Judges of the High Court, the Advocate General, Odisha, the President of the High Court Bar Association and Officers of the Registry, Chief Justice emphasized upon the objectives behind

launching these e-services and called upon them to embrace the new technology to enhance the efficiency of the State's judicial system.







# ଅନ୍ ଲାଇନ ବ୍ୟବସ୍ଥାରେ କୋର୍ଟ ଫି' ଦାଖଲ



## ଫେସିଲିଟେସନ୍ ସେଣ୍ଟର ଉଦ୍‌ଘାଟିତ

କଟକ, ୫।୪(ଇମିସ): ହାଇକୋର୍ଟ ପରିସରରେ କୋର୍ଟ ଫି ଇ-ପେମେଣ୍ଟ ପାଇଁ ଫେସିଲିଟେସନ୍ ସେଣ୍ଟରକୁ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ.ମୁରଲୀଧର ଉଦ୍‌ଘାଟନ କରିଛନ୍ତି। ଏଥି ସହିତ ହାଇକୋର୍ଟ ଓ ଜିଲ୍ଲା ଅଦାଲତରେ ଅନ୍ ଲାଇନରେ କୋର୍ଟ ଫି ପଇଠ ସେବା, ସାରା ରାଜ୍ୟର ୨୪୪ଟି କୋର୍ଟ ଏଷ୍ଟାବ୍ଲିସମେଣ୍ଟରେ ଇ-ଫାଇଲିଂ ପୋର୍ଟାଲ, ସବୁ ଜିଲ୍ଲା ଅଦାଲତ ପରିସରରେ ଭିଡିଓ କନଫରେନ୍ସିଂ କ୍ୟାବିନ୍ ଓ ୭୮ଟି ତାଲୁକା କୋର୍ଟ କଂପ୍ଲେକ୍ସରେ ଇ-ସେବା କେନ୍ଦ୍ର ବ୍ୟବସ୍ଥାକୁ ମୁଖ୍ୟ ବିଚାରପତି ଆଜି ଉଦଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସିଂ ବ୍ୟବସ୍ଥାରେ ରାଜ୍ୟର ୧୫୦ ସ୍ଥାନରୁ ଜିଲ୍ଲା ଜଜ୍ ଓ ଅନ୍ୟ ବିଚାରବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ହାଇକୋର୍ଟ କଂପ୍ୟୁଟର କମିଟି ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘନ ପୂଜାହାରୀ, ଡକ୍ଟର ଜଷ୍ଟିସ ବି.ଆର.ଷଡଙ୍ଗୀ, ଜଷ୍ଟିସ ସଙ୍ଗମ କୁମାର ସାହୁ, ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ, ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା, ହାଇକୋର୍ଟ ବାର୍ ଆସୋସିଏସନ୍ ସଭାପତି ଜଗବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ହାଇକୋର୍ଟ ଓ ଜିଲ୍ଲା ଅଦାଲତରେ ଅନ୍ ଲାଇନ ବ୍ୟବସ୍ଥାରେ କୋର୍ଟ ଫି ଦାଖଲ ବ୍ୟବସ୍ଥା ଆରମ୍ଭ କରାଯାଇଛି। କୋର୍ଟ ଫି ଅନ୍ ଲାଇନରେ ପଇଠ ପ୍ରସଂଗରେ ଆଇନଜୀବୀ ଓ ମହକିଲଙ୍କୁ ସହାୟତା ପାଇଁ ହାଇକୋର୍ଟ ପରିସରରେ ଫେସିଲିଟେସନ୍ ସେଣ୍ଟର ପ୍ରତିଷ୍ଠା କରାଯାଇଛି।